
Hindi Pakhwada 2026

To promote the use of Hindi as the Official Language and create a conducive environment for the effective implementation of the Official Language Policy, Hindi Pakhwada was organised at the National Informatics Centre (NIC), Bhubaneswar, from 1 September 2026 to 24 September 2026, as in previous years.

Various competitions were conducted during the fortnight, including Hindi Shorthand Typing, Hindi Letter Writing (exclusively for the Establishment Section), Picture-Based Essay Writing (for Hindi-speaking and non-Hindi-speaking participants), Extempore Speech, and Hindi Poetry Recitation. All officers and staff members participated in these competitions with great enthusiasm.

News Clips



ସମାଜ

ଏନ୍‌ଆଇସି ପକ୍ଷରୁ ହିନ୍ଦୀ ପକ୍ଷ

ଭୁବନେଶ୍ୱର, ୨୮ ।୯(ନି. ପ୍ର): ସରକାରୀ କାର୍ଯ୍ୟରେ ରାଜଭାଷା ହିନ୍ଦୀର ଅଧିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏନ୍‌ଆଇସି ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ଚଳିତ ମାସ ୧୪ରୁ ୨୮ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ-୨୦୨୬ ପାଳିତ ହୋଇଛି । ଏହି ଅବସରରେ ହିନ୍ଦୀ ଶ୍ରୁତଲିଖନ ଓ ଟାଇପିଂ, ହିନ୍ଦୀ-ଇଂରାଜୀ ଅନୁବାଦ, ଚିତ୍ରଭିତ୍ତିକ ସୃଜନଶୀଳ ଲେଖନ, ଆଶୁଭାଷଣ ଓ କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଅଧିବେଶନରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ଅତିଥି ଭାବେ ଯୋଗଦେଇଥିବା ବେଳେ, ଉଦ୍‌ଯାପନୀ ଅଧିବେଶନରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର -୪ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ଝା ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଏନ୍‌ଆଇସି ଓଡ଼ିଶାର ନ୍ୟୁଜ୍‌ଲେଟର 'ଦ ଏସେନ୍ସର'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଅଧିକାରୀମାନେ ସଙ୍ଗୀତ ପରିବେଷଣ, କବିତା ଆବୃତ୍ତି, ହାସ୍ୟରସାତ୍ମକ ପ୍ରସଙ୍ଗ, ସଂକ୍ଷିପ୍ତ ଭାଷଣ ଓ ନାଟିକା ଆଦି ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନିର୍ଦ୍ଦେଶକ (ଆଇଟି) ଶିଖାନୀ କୋରାହ ଏବଂ ହିନ୍ଦୀ ଅନୁବାଦିକା ଡ. ଅଳକା ପ୍ରଧାନଙ୍କ ଦ୍ୱାରା ସଂଚାଳନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

The Samaja, BHUBANESWAR Edition
Page No.8 September 29, 2026

The Samaja : 29 September, 2026

prameyaepaper.com

ଏନ୍‌ଆଇସି ଓଡ଼ିଶାରେ ହିନ୍ଦୀ ପକ୍ଷ ପାଳିତ



ଭୁବନେଶ୍ୱର,୨୮।୯(ବ୍ୟୁରୋ): ସରକାରୀ କାର୍ଯ୍ୟରେ ରାଜଭାଷା ହିନ୍ଦୀର ଅଧିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏନ୍‌ଆଇସି ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ସେପ୍ଟେମ୍ବର ୧୪ରୁ ୨୮ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ ପାଳିତ ହୋଇଛି। ଏହି ଅବସରରେ ହିନ୍ଦୀ ଶ୍ରୁତଲିଖନ ଓ ଟାଇପିଂ, ହିନ୍ଦୀ-ଇଂରାଜୀ ଅନୁବାଦ, ଚିତ୍ରଭିତ୍ତିକ ସୃଜନଶୀଳ ଲେଖନ, ଆଶୁଭାଷଣ ଓ କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନ ଅଧିବେଶନରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ଭୁବନେଶ୍ୱରର ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉଦ୍‌ଯାପନ ଅଧିବେଶନରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୪ର ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ଝା ଅତିଥି ଭାବେ ଯୋଗ ଦେଇଥିଲେ।

ଏନ୍‌ଆଇସି ଓଡ଼ିଶାର ନ୍ୟୁଜ୍‌ଲେଟର 'ଦ ଏସେନ୍ସର'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତାଙ୍କ ମାର୍ଗଦର୍ଶନରେ ବରିଷ୍ଠ ନିର୍ଦ୍ଦେଶକ(ଆଇଟି) ଶିବାନୀ କୋରାହ, ହିନ୍ଦୀ ଅନୁବାଦିକା ଡ.ଅଳକା ପ୍ରଧାନ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

Prameya : 28 September, 2026



NEWS INSHOT

Quick & Crisp News

କମ୍ ଶବ୍ଦରେ, ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଖବର/Short News. Instant Updates.

Home News National City World Sports Entertainment Visual Stories Politics View

Home » City » NIC Odisha Celebrates Hindi Fortnight 2026/ NIC ଓଡ଼ିଶାରେ 'ହିନ୍ଦୀ ପକ୍ଷ' ଉଦ୍‌ଯାପିତ; ଉନ୍ମୋଚିତ ହେଲା 'ଦ ଏସେଣ୍ଟର'ର ହିନ୍ଦୀ ସଂସ୍କରଣ

CITY

NIC Odisha Celebrates Hindi Fortnight 2026/ NIC ଓଡ଼ିଶାରେ 'ହିନ୍ଦୀ ପକ୍ଷ' ଉଦ୍‌ଯାପିତ; ଉନ୍ମୋଚିତ ହେଲା 'ଦ ଏସେଣ୍ଟର'ର ହିନ୍ଦୀ ସଂସ୍କରଣ

News Inshot 3 Weeks Ago 0 1 Mins

ଏନ୍‌ଆଇସି ଓଡ଼ିଶାରେ 'ହିନ୍ଦୀ ପକ୍ଷ-୨୦୨୬' ସମାପନ

ଭୁବନେଶ୍ୱର:

ସରକାରୀ କାମକାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏନ୍‌ଆଇସି (NIC) ଓଡ଼ିଶା ପକ୍ଷରୁ ଗତ ସେପ୍ଟେମ୍ବର ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ 'ହିନ୍ଦୀ ପକ୍ଷ-୨୦୨୬' ଉତ୍ସାହର ସହ ସମ୍ପନ୍ନ ହୋଇଯାଇଛି।

ଏହି ଦୁଇ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଫିସର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଡାଇପି*, ଅନୁବାଦ, ସୃଜନଶୀଳ ଲେଖନ, କବିତା ଆବୃତ୍ତି ଏବଂ* ବକ୍‌ତୃତା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହିତ ଅଂଶଗ୍ରହଣକାରୀମାନେ ନାଟିକା, ସଙ୍ଗୀତ ଓ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ମନ ଜିଣିନେଇଥିଲେ।

ଉଦ୍‌ଯାପନୀ ସମାରୋହରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ଏବଂ* ଉଦ୍‌ଯାପନୀ ଉତ୍ସବରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୪ର ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ଝା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏନ୍‌ଆଇସିର ନିୟମିତ ନ୍ୟୁଜଲେଟର 'ଦ ଏସେଣ୍ଟର'ର ହିନ୍ଦୀ ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା।

ଏନ୍‌ଆଇସିର ରାଜ୍ୟ ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ଡ. ଅଶୋକ କୁମାର ହୋତାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନିର୍ଦ୍ଦେଶକ ଶିଖାନୀ କୋରାଇ ଓ ହିନ୍ଦୀ ଅନୁବାଦିକା ଡ. ଅନଙ୍କା ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ପ୍ରତିଯୋଗିତାର ବୃତ୍ତା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

News Inshort : https://newsinshot.com/nic-odisha-celebrates-hindi-fortnight-2026-nic